# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୬ ମାର୍ଚ୍ଚ, ୨୦୨୫

----

[କୃଷି ଓ କୃଷକ ସଶକ୍ତିକରଣ - ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ - ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ - ଶକ୍ତି - ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ - ସମବାୟ - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ - ବିଜ୍ଞାନ ଓ କାରିଗରୀ ].

ମୋଟ ପ୍ରଶ୍ନର ସଂଖ୍ୟା 31

----

### ମାଳ ବାଣିଜ୍ୟ କେନ୍ଦ୍ରଟି ପୁନଃ ପ୍ରଚଳନ

*500 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ)ः

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କନ୍ଧମାଳ ଜିଲ୍ଲାର ହଜାର ହଜାର ଜନଜାତିଙ୍କୁ ରୋଜଗାରର ପନ୍ଥା ଦେଇଥିବା ଟିକାବାଲି ମାଳ ବାଣିଜ୍ୟ କେନ୍ଦ୍ରଟି ଦୀର୍ଘ ବର୍ଷ ହେଲା ବନ୍ଦ ହୋଇ ଏମାନଙ୍କ ରୋଜଗାର ପନ୍ଥାକୁ ବନ୍ଦ କରିଦେଇଛି, ଜିଲ୍ଲାର ଜନସାଧାରଣ ଲଘୁ ବନଜାତ ଦ୍ରବ୍ୟ ଓ ଶିଆଳି ଖଲି ଏହି କେନ୍ଦ୍ରକୁ ଯୋଗାଇ ଅର୍ଥ ଉପାର୍ଜନ କରିପାରୁଥିଲେ, ଜନସାଧାରଣଙ୍କୁ ରୋଜଗାରକ୍ଷମ କରିଥିବା ଏହି କେନ୍ଦ୍ରଟିର ଭିତ୍ତିଭୂମିର ପୁନରୁଦ୍ଧାର କରି ପୁନର୍ବାର କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

### ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନାର ମାର୍ଗ ଦର୍ଶିକା

*571 ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ)ः

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଦେଶରେ କମ ଉତ୍ପାଦନଶୀଳତା ଥିବା ୧୦୦ଟି ଜିଲ୍ଲା ଭିତରେ ଓଡ଼ିଶାରୁ କେଉଁ କେଉଁ ଜିଲ୍ଲାଗୁଡିକ " ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା" ମଧ୍ୟରେ ସାମିଲ କରିବା ପାଇଁ ରାଜ୍ୟ ସରକାର ସ୍ଥିର କରିଛନ୍ତି, ସେହି ଜିଲ୍ଲା ଗୁଡିକର ନାମ ଉପସ୍ଥାପନା କରିବା ସହ, (ଖ) ସେହି ଜିଲ୍ଲା ଗୁଡିକରେ କୃଷି କ୍ଷେତ୍ରରେ ଉନ୍ନତି ପାଇଁ କି କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସେଥିପାଇଁ କେତେ ଅର୍ଥର ବ୍ୟୟ ବରାଦ ପାଇଁ ବିଭାଗ କ'ଣ ଯୋଜନା ରହିଛି ତାର ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ଏବଂ ପ୍ରଧାନମନ୍ତ୍ରୀ ଧନଧାନ୍ୟ କୃଷି ଯୋଜନା ପାଇଁ ସରକାରଙ୍କ ତରଫରୁ ପ୍ରଦତ୍ତ ମାର୍ଗଦର୍ଶିକା କଣ ରହିଛି ତାର ତଥ୍ୟ ପ୍ରଦାନ କରିବେ କି ?

----

## ଧାନ ବିକ୍ରୟ ନିମନ୍ତେ ଟୋକନ୍ ଇସ୍ୟୁ

***572 ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ସମୁଦାୟ କେତେ ସଂଖ୍ୟକ ଚାଷୀଙ୍କୁ ଧାନ ବିକ୍ରୟ ନିମନ୍ତେ କେତେ ପରିମାଣର ଟୋକନ୍ ଇସ୍ୟୁ କରାଯାଇଛି ଓ ଚଳିତ ୨୦୨୪-୨୫ ଖରିଫ୍ ବର୍ଷରେ ସମୁଦାୟ କେତେ ଧାନ ମଣ୍ଡି ମାଧ୍ୟମରେ ସଂଗ୍ରହ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ତା'ର ଏକ ଜିଲ୍ଲାୱାରୀ ବିବରଣୀ ଦେବେ କି, (ଖ) ଇସ୍ୟୁ ହୋଇଥିବା ଟୋକନ୍ ଅନୁଯାୟୀ ସମସ୍ତ ଧାନ କିଣାଯିବା ପାଇଁ ସରକାରଙ୍କ ନିଷ୍ପତ୍ତି ଅଛି କି ?

----

## ବିଭିନ୍ନ ଯୋଜନା କାର୍ଯ୍ୟକାରୀ ଅର୍ଥ ବ୍ୟୟ

***573 କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୧୯-୨୦ ଆର୍ଥିକ ବର୍ଷରୁ ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ତରଫରୁ ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଯୋଜନା / ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ଓ ଏ ବାବଦରେ କେତେ ଟଙ୍କା ଲେଖାଏଁ ବ୍ୟୟ କରାଯାଇଛି ଏବଂ ଆତ୍ମନିଯୁକ୍ତି ନିମନ୍ତେ ଯୁବକ/ ଯୁବତୀଙ୍କୁ କେତେ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଓ ଋଣ ପ୍ରଦାନ କରାଯାଇଛି ଓ ଆତ୍ମନିଯୁକ୍ତି ପାଇଥିବା ଯୁବକ / ଯୁବତୀମାନେ ମାସିକ କେତେ ଟଙ୍କା ଲେଖାଏଁ ଆୟ କରିବାକୁ ସକ୍ଷମ ହୋଇପାରିଛନ୍ତି ?

----

## ମହିଳା ବ୍ୟାଙ୍କ ଖୋଲିବା

***574 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି ମହିଳା ସମବାୟ ବ୍ୟାଙ୍କ ଚାଲୁଅଛି ଜିଲ୍ଲା ୱାରୀ ତଥ୍ୟ ଦେବେ କି, ଯେଉଁ ଜିଲ୍ଲାରେ ମହିଳା ସମବାୟ ବ୍ୟାଙ୍କ ନାହିଁ, ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କର ପ୍ରସ୍ତାବ ଅଛି କି, ଯଦି ଅଛି କେଉଁ କେଉଁ ଜିଲ୍ଲାରେ ଖୋଲିବେ କେବେ ସୁଦ୍ଧା ଖୋଲିବେ, ଏହାର କାର୍ଯ୍ୟକାରିତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ବିଦ୍ୟୁତ ବିଭାଗ ଦ୍ୱାରା ଜୋରିମାନା ଆଦାୟ

***575 ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି)ଃ**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଦ୍ୟୁତ ବିଭାଗରେ ଆବଣ୍ଟନକାରୀ କମ୍ପାନୀମାନଙ୍କର ଅନିୟମିତତା ସମ୍ବନ୍ଧରେ ହେଇଥିବା ଚଢ଼ାଉରେ ଜୋରିମାନା ବାବଦରେ କିଛି ନିର୍ଦ୍ଦିଷ୍ଟ ମାନଦଣ୍ଡ ରହିଛି କି, ଯଦି ରହିଛି ତାହାର ତଥ୍ୟ ଦେବେ କି, ଜୋରିମାନା ବାବଦରେ ଆଦାୟ ହେଉଥିବା ଅର୍ଥ କମ୍ପାନୀ ଗୁଡିକର ବାର୍ଷିକ ଆୟ ବ୍ୟୟ ହିସାବରେ ରହୁଛି କି, ଯଦି ରହୁଛି ତେବେ ଗତ ୫ ବର୍ଷରେ ଜିଲ୍ଲାୱାରୀ କେତେ ଉପଭୋକ୍ତାଙ୍କ ଉପରେ ଚଢ଼ାଉ ହୋଇଛି ଏବଂ କେତେ ଟଙ୍କା ଆଦାୟ ହୋଇଛି ତାହାର ଏକ ତାଲିକା ରଖିବେ କି, (ଖ) ଚଢ଼ାଉ ହେଉଥିବା ସମୟରେ ସମସ୍ତ ଉପଭୋକ୍ତାମାନଙ୍କୁ Enforcement ଅଫିସର ମାନେ ଜୋରିମାନା ସମ୍ବନ୍ଧୀୟ କିଛି ଲିଖିତ ନୋଟିସ ଦେଉଛନ୍ତି କି, ଯଦି ନା, ଏଭଳି ନୋଟିସ ଦେବା ପାଇଁ ନିର୍ଦ୍ଦେଶ ଦେବେ କି ?

----

## ବଣ୍ଡା ସଂପ୍ରଦାୟ ଦ୍ୱାରା ହସ୍ତଶିଳ୍ପ ଓ ବସ୍ତ୍ର ପ୍ରସ୍ତୁତ

***576 ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା)ଃ**

**ବୟନଶିଳ୍ପ, ହସ୍ତତନ୍ତ ଓ ହସ୍ତଶିଳ୍ପ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବଣ୍ଡା ସଂପ୍ରଦାୟର ହସ୍ତଶିଳ୍ପ ଓ ବସ୍ତ୍ର ଆଭୁଷଣ ପ୍ରସ୍ତୁତ ଓ ବିକାଶ ଦିଗରେ କି ପ୍ରକାର ପ୍ରତିବନ୍ଧକ ମାନ ରହିଛି ଓ ଏହାର ସୁଗମ ପାଇଁ ଜିଲ୍ଲାଅଧିକାରୀ କି ପ୍ରକାର କାର୍ଯ୍ୟକ୍ରମ ନେଇଛନ୍ତି, ବିଗତ 4 ବର୍ଷର ବିବରଣୀ ପ୍ରଦାନ କରିବେକି, ବଣ୍ଡା ସଂପ୍ରଦାୟ ଅଂଚଳରେ କାର୍ଯ୍ୟରତ ସରକାରୀ, ବେସରକାରୀ ଓ ଅନୁଦାନ ଓ ସ୍ୱୀକୃତିପ୍ରାପ୍ତ ସଂସ୍ଥାଗୁଡିକର ଗତ 4 ବର୍ଷର କାର୍ଯ୍ୟବିବରଣୀ ପ୍ରଦାନ କରିବେକି?

----

## ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଣୟନ

***577 ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ପ୍ରଣୟନ ହେବା ଦିନ ଠାରୁ ବର୍ତ୍ତମାନ ସୁଦ୍ଧା କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅଧିନସ୍ଥ ତୁରେକେଲା, ମୁରିବାହାଲ ଓ ବଙ୍ଗୋମୁଣ୍ଡା ବ୍ଲକର କେତେ ଜଣ କାରିଗର ହସ୍ତଶିଳ୍ପୀଙ୍କୁ ପଞ୍ଜିକୃତ କରାଯାଇଛି ଓ ମୌଳିକ ଦକ୍ଷତା ତାଲିମ କରି ସେମାନଙ୍କୁ ବ୍ୟବସାୟରେ ଉନ୍ନତି ଆଣିବା ପାଇଁ କ୍ରେଡିଟ୍ ସହାୟତା ପ୍ରଦାନ କରାଯାଇଛି, ତାହାର ବ୍ଲକୱାରୀ ସବିଶେଷ ଉପସ୍ଥାପନା କରିବେ କି ?

----

## କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଦ୍ୱାରା କୃଷି ଯନ୍ତ୍ରପାତି ପରୀକ୍ଷା

***578 ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା)ଃ**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟରେ କୃଷି ଯନ୍ତ୍ରପାତି ପରୀକ୍ଷା କେନ୍ଦ୍ରରେ ଗତ ଦୁଇ ବର୍ଷ ମଧ୍ୟରେ କେଉଁ କମ୍ପାନୀର କେଉଁ କେଉଁ ନୂଆ ଯନ୍ତ୍ରପାତି ପରୀକ୍ଷା କରାଯାଇଛି ; ଏଥିରୁ କେତୋଟି ଯନ୍ତ୍ରପାତି ପରୀକ୍ଷାରେ ଉତ୍ତୀର୍ଣ ହୋଇଛନ୍ତି ଏବଂ କେତୋଟି ଉତ୍ତୀର୍ଣ୍ଣ ହୋଇପାରି ନାହାନ୍ତି ; ବର୍ତ୍ତମାନ ବିଶ୍ୱବିଦ୍ୟାଳୟ କୃଷି ଯନ୍ତ୍ରପାତି ପରୀକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀମାନଙ୍କର ନାମ ପ୍ରକାଶ ସହିତ ସେମାନେ କେବେଠାରୁ ଏହି ଦାୟିତ୍ୱରେ ରହିଛନ୍ତି ?

----

## ଯୋଗ୍ୟ ହିତାଧିକାରୀ ଚିହ୍ନଟ

***579 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଯୋଗ୍ୟ ହିତାଧିକାରୀ ଚିହ୍ନଟ ହେବା ପରେ କେତେ ଜଣ ହିତାଧିକାରୀ କାର୍ଡ ଫେରସ୍ତ କରିଛନ୍ତି, ଗତ ୮ ମାସ ମଧ୍ୟରେ କେତେ ଯୋଗ୍ୟ ହିତାଧିକାରୀ ଚିହ୍ନଟ ହୋଇଛନ୍ତି, କୋରାପୁଟ ଜିଲ୍ଲାରେ ଏହି ସଂଖ୍ୟା କେତେ ?

----

## Guideline for Antibiotics in Poultry Sector

***580 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether it is a fact that antibiotics are being administered indiscriminately by the poultry farmers across the State, for the poultry, if so, the details thereof, (b) whether there are any guideline existing for use of antibiotics in the poultry sector, if so, the details thereof, and steps taken by Government of Odisha to sensitize the poultry farmers against the indiscriminate use of antibiotics ?

----

## ସମବାୟ ସଂସ୍ଥାକୁ ଲାଭଜନକ କରିବା

***581 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେତୋଟି କୃଷକ ସମବାୟ ସଂସ୍ଥା ଗଠନ ହୋଇଛି, ତନ୍ମଧ୍ୟରୁ କେଉଁଗୁଡ଼ିକ ଲାଭଜନକ ଥିଲାବେଳେ କେଉଁଗୁଡ଼ିକ କ୍ଷତିରେ ଚାଲିଛି, ଏହି ସଂସ୍ଥାକୁ ଲାଭଜନକ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## Tata Power ର କାର୍ଯ୍ୟ ଓ ସେବା ଉପରେ ମାପଦଣ୍ଡ

***582 ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କାର୍ଯ୍ୟରତ Tata Power'ର କାର୍ଯ୍ୟ ଓ ସେବା ଦକ୍ଷତାର ମୂଲ୍ୟାଙ୍କନର ମାପଦଣ୍ଡ କ'ଣ ରହିଛି ; Tata Power ଦାୟିତ୍ୱ ନେବା ପର ଠାରୁ, ବିଦ୍ୟୁତ୍ ପରିବହନ ଏବଂ ବିତରଣ କ୍ଷତିରେ ଉନ୍ନତି ଆସିଛି କି; ଯଦି 'ହଁ' ତେବେ ପୂର୍ବ ଓ ବର୍ତ୍ତମାନ ପରିବହନ ଏବଂ ବିତରଣ କ୍ଷତିର ତୁଳନାତ୍ମକ ତଥ୍ୟ ଦେବେ କି ;ସର୍ପରାଇଜ୍ ଚେକିଂ ନାଁରେ Tata Power ପକ୍ଷରୁ ଲୋକଙ୍କ ଘର ଭିତରକୁ ପ୍ରବେଶ କରି ପୂର୍ବରୁ ସ୍ଥାପିତ ମିଟରକୁ ଭୁଲ ଦର୍ଶାଇ ଅହେତୁକ ପେନାଲ୍ଟି ଲାଗୁ କରିବାକୁ ନେଇ ବିଦ୍ୟୁତ୍ ଉପୋଭକ୍ତାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି କି , ଯଦି 'ହଁ', ଏହାର ପ୍ରତିକାର ନିମନ୍ତେ ସରକାର କ'ଣ ପଦକ୍ଷେପ ନେଉଛନ୍ତି?

----

## ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା

***583 ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସ୍ଥାନରେ କି କି ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଯୋଜନା ରହିଛି, ତା'ର ଏକ ତାଲିକା ପ୍ରଦାନ କରିବେ କି?

----

## ନୂତନ hybrid କାଜୁ ଗଛ ଲଗାଇବା

***584 ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କାଜୁ ଚାଷର ପ୍ରସାର ଓ ଉତ୍ପାଦନ ବୃଦ୍ଧି ଓ ତାକୁ ନେଇ processing ଶିଳ୍ପ ସ୍ଥାପନ ସକାଶେ କି ପଦକ୍ଷେପ ନେଉଛନ୍ତି, ରାଜ୍ୟରେ ଏବେ ସରକାରୀ ଓ ଘରୋଇ ଉଦ୍ୟମରେ କେତେ ଜମିରେ କାଜୁ ଲଗାଯାଇଛି ଓ ସେଥିରୁ ବର୍ଷକୁ କେତେ ଉତ୍ପାଦନ ହେଉଛି ?

----

## ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ଖାଉଟି କାର୍ଡ ତାଲିକାରୁ ବାଦ

***585 ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ନୂତନ ଭାବେ ଜନ୍ମନେଉଥିବା ଶିଶୁଙ୍କୁ ସାମିଲ ସହ ଓ ମୃତ୍ୟୁବରଣ କରୁଥିବା ବ୍ୟକ୍ତିଙ୍କୁ ଖାଉଟୀକାର୍ଡ ତାଲିକାରୁ ବାଦ ଦେବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ଘୋଟାଲା ଟଙ୍କା OMFED ଦ୍ୱାରା ଭରଣା

***586 ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବୃହତ୍ତର ଗଞ୍ଜାମ ଗଜପତି ଦୁଗ୍ଧ ଉତ୍ପାଦନ ସଂଘ, ୨୦୧୭ ଠାରୁ ୨୦୨୦ ଭିତରେ କେଉଁ ଘୋଟାଲା ହୋଇଥିଲା, ସେଥିରୁ ଚାଷିଙ୍କର ଏକ କୋଟି ଅଠର ଲକ୍ଷ ଟଙ୍କା ଥିବା ସତ୍ୟ କି, ଏହି ଟଙ୍କା OMFED କେଉଁ ଠାରୁ ଭରଣା କରିବ, ଯଦି OMFED ବହନ କରିବ ସେ ଟଙ୍କା କେଉଁ ଠାରୁ ଆଣିବ, ଯଦି ଦୁଗ୍ଧ ସଂଘ ଏହି ଟଙ୍କା ଭରଣା କରିବ ତାହା ହେଲେ କେଉଁଠାରୁ ଏହା ଭରଣା କରିବ, ଯେଉଁ ମାନେ ଉକ୍ତ ଘୋଟାଲାରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ବନ୍ଦ ହୋଇଥିବା ଚିନିକଳ ପୁନଃ ପ୍ରଚଳନ

***587 ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ସମବାୟ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଆଖୁଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଓ ଚିନି ଉତ୍ପାଦନରେ ରାଜ୍ୟକୁ ଆତ୍ମନିର୍ଭରଶୀଳ କରିବା ପାଇଁ ବନ୍ଦ ହୋଇଥିବା ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ନୂତନ ଚିନିକଳ ସ୍ଥାପନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି, ଉତ୍ତର 'ହଁ' ହେଲେ, ଏ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ସୌର ଶକ୍ତି ପ୍ରକଳ୍ପ ସ୍ଥାପନ

***588 ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କନ୍ଧମାଳ ଜିଲ୍ଲାରେ ସୌର ଶକ୍ତି ସଂଗ୍ରହ ପ୍ରକଳ୍ପ ସ୍ଥାପନ କରି ଏହି ବିଦ୍ୟୁତକୁ ସମ୍ପୃକ୍ତ ଅଞ୍ଚଳରେ ବିତରଣ କରାଯିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରିବେ କି ?

----

## MSMEକୁ ପ୍ରୋତ୍ସାହିତ କରିବା

***589 ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ପ୍ରଧାନମନ୍ତ୍ରୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାରେ ମୋଟ କେତୋଟି ପ୍ରକଳ୍ପକୁ କେତେ ଟଂକା ପ୍ରଦାନ କରାଯାଇଛି; (ଖ) ଆତ୍ମନିର୍ଭର ଭାରତ ଯୋଜନାରେ ରାଜ୍ୟରେ ଏମଏସଏମଇକୁ ପ୍ରୋତ୍ସାହିତ କରିବା ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି; ରାଜ୍ୟର ଆଦିବାସୀ ଅଂଚଳ ମାନଂକରେ କ୍ଷୁଦ୍ର ଶିଳ୍ପ ଗୁଡିକୁ ପ୍ରେତ୍ସାହିତ କରିବା ପାଇଁ କୌଣସି ଯୋଜନା କାର୍ଯ୍ୟକାରୀ କରାଯାଉଛି କି?

----

## ଚାଷ ଜମିରେ ଜୈବିକସାର ପ୍ରୟୋଗ

***590 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜୈବିକସାର ଚାଷ ଜମିରେ ପ୍ରୟୋଗ ପରିମାଣ ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ କେତେ ବୃଦ୍ଧି ଘଟିଛି ସରକାର ଏହାର ସଠିକ୍ ତଥ୍ୟ ଉପସ୍ଥାପନ କରିବେକି, ଏ ଦିଗରେ ଚାଷୀମାନଙ୍କୁ କିପରି ପ୍ରୋତ୍ସାହନ ଦିଆଯାଉଛି ଏହି ସାର ବର୍ଷକୁ ରାଜ୍ୟରେ କେତେ ଟନ୍ ଉତ୍ପାଦନ ହେଉଛି?

----

## Duplicate & adulterated food product

***591 Smt. Sofia Firdous (Barabati-Cuttack):**

Will the Minister for **Food Supplies & Consumer Welfare** be pleased to state that:- (a) In light of the recent rise in the manufacturing of duplicate and adulterated food products like ghee, sauce, and oil, what steps has the government taken since June 2024 to curb this menace; (b) How many raids have been conducted so far, and in which locations; How many staff members are currently working in the department to monitor and control food quality; How many manufacturing units have been shut down, and what legal or administrative actions have been taken against them?

----

## ପ୍ରାଣୀ ଚିକିତ୍ସା କେନ୍ଦ୍ର ଗୁଡ଼ିକୁ ଆଧୁନୀକିକରଣ

***592 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ପ୍ରାଣୀଚିକିତ୍ସା କେନ୍ଦ୍ର ଗୁଡ଼ିକୁ ଆଧୁନିକୀକରଣ ଓ ସମ୍ପ୍ରସାରଣ ସହ ଏହା ମାଧ୍ୟମରେ ପ୍ରାଣୀ ଚିକିତ୍ସା ବ୍ୟବସ୍ଥାର ଉନ୍ନତିକରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## Gridco କୁ ଋଣ ଦେବା ପାଇଁ Guarantee ଦେବା

***593 ଶ୍ରୀ ନିରଞ୍ଜନ ପୂଜାରୀ (ସୋନପୁର):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Gridco ସମୁଦାୟ କେତେ ଋଣ ବା ବକେୟା ଦେୟ Liability ଆକାରରେ ବର୍ତ୍ତମାନ ସୁଦ୍ଧା ଲାଗିଛନ୍ତି, ସେଥିମଧ୍ୟରୁ ସରକାର କେତେ ପରିମାଣର Guarantee (ଋଣପାଇଁ ) Gridco କୁ ଦେଇଛନ୍ତି ?

----

## ବନ୍ଦ ହୋଇଥିବା MSME ଉଦ୍ୟୋଗ ପୁନଃ ପ୍ରଚଳନ

***594 ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାର MSME Sector କୁ Mainstream କୁ ଆଣିବା ପାଇଁ ରାଜ୍ୟକୁ ବିକଶିତ କରିବା ପାଇଁ ଅଧିକରୁ ଅଧିକ ଉଦ୍ୟୋଗ ସ୍ଥାପନ ହେବାକୁ ଆଗ୍ରହ ପ୍ରକାଶ କଲାଭଳି ପରିବେଶ ସୃଷ୍ଟି କରିବା ପାଇଁ କି କି ପଦକ୍ଷେପ ନେଉଛନ୍ତି;ରାଜ୍ୟରେ MSME Sector ଉଦ୍ୟୋଗ ଗୁଡ଼ିକ ରୁଗ୍ଣ, ଦୁର୍ବଳ ଓ ବନ୍ଦ ହେବାର କାରଣ କ'ଣ : ରାଜ୍ୟରେ ଅଧୁନା କେତୋଟି ଅଣୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗ ବନ୍ଦ ହୋଇ ରହିଥିବା ଉଦ୍ୟୋଗ ଗୁଡ଼ିକୁ ଚାଲୁ କରିବା ପାଇଁ ପଦକ୍ଷେପ ନେବେ କି ?

----

## ପଣସ ଚାଷୀମାନଙ୍କୁ ପ୍ରୋତ୍ସାହିତ

***595 ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପଣସ କଠା ଏବେ ପରିବା ରୂପ ନେଇ ତରକାରୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିବା ବେଳେ ରାଜ୍ୟରେ ବ୍ୟାପକ ଭାବେ ସବୁଦିନିଆ ପଣସ ଉତ୍ପାଦିତ ବୃକ୍ଷରୋପଣ ପାଇଁ ସରକାର ଚାଷୀମାନଙ୍କୁ ପ୍ରୋତ୍ସାହିତ କରିବାକୁ କି ପଦକ୍ଷେପ ନେବାକୁ ଯାଉଛନ୍ତି ?

----

## Payment of MSP for paddy procurement

***596 ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) What is the total quantity of paddy procured during kharif 2024-2025 season across Odisha as of 3rd March, 2025 and how does this compare with the target; Details district-wise thereof, (b) what explains the disparity between high-performing districts and low-performing districts; List of production vs % procured for each district and no. of farmers benefitted and what is the total amount that the government used for payment of MSP for paddy procurement and what is the average paid per quintal to farmers who sold paddy; Will the government give details district-wise including Balangir District?

----

## ନୂତନ ପ୍ରାଣୀ ଚିକିତ୍ସା କେନ୍ଦ୍ର ସ୍ଥାପନ

***597 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ସମୁଦାୟ ମଞ୍ଜୁରୀ ପ୍ରାପ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଓ ପ୍ରାଣୀଧନ ନିରୀକ୍ଷକଙ୍କ ପଦବୀ ସଂଖ୍ୟା କେତେ ଓ ସେଥିରୁ ଖାଲିପଡିଥିବା ପଦବୀ ସଂଖ୍ୟାର ଏକ ଜିଲ୍ଲାୱାରୀ ସାରଣୀ ପ୍ରଦାନ କରିବେ କି ;(ଖ) ଦଶପଲ୍ଲା ନିର୍ବାଚନ ମଣ୍ଡଳୀର ନୂଆଗାଁ, ଦଶପଲ୍ଲା ଓ ଗଣିଆଁ ବ୍ଲକରେ ନୂତନ ପ୍ରାଣୀ ଚିକିତ୍ସା କେନ୍ଦ୍ର ପ୍ରତିଷ୍ଠା ପାଇଁ ଯୋଜନା ଥିଲେ, ଏ ଦିଗରେ କି ପଦକ୍ଷେପ ନିଆଯାଇଛି ?

----

## ଜଳଭଣ୍ଡାରରୁ ଜଳ ବିଦ୍ୟୁତ ଉତ୍ପାଦନ

***୨୨୪ ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଶକ୍ତି** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଜଳବିଦ୍ୟୁତ ନିଗମ (ଓଏଚପିସି) ଅଧୀନରେ ଥିବା ପାଞ୍ଚଟି ଜଳବିଦ୍ୟୁତ ପ୍ରକଳ୍ପ ଯଥା ବାଲିମେଳା, ଉପର କୋଲାବ, ଉପର ଇନ୍ଦ୍ରାବତୀ, ହୀରାକୁଦ ଓ ରେଙ୍ଗାଲିର ପୂର୍ଣ ଜଳଭଣ୍ଡାର ସ୍ତର (FRL) ଗତ ଦଶ ବର୍ଷ ଭିତରେ କେଉଁ ବର୍ଷ କେତେ ପର୍ଯ୍ୟନ୍ତ ପହଞ୍ଚି ଥିଲା, ପ୍ରକଳ୍ପ ଗୁଡିକ ପାଇଁ ପୂର୍ଣ ଜଳଭଣ୍ଡାର ସ୍ତର କେଉଁ ପ୍ରକଳ୍ପ ପାଇଁ କେତେ ଅନୁମୋଦିତ ହୋଇଛି, ଗତ ଦଶ ବର୍ଷ ଭିତରେ କେଉଁ ପ୍ରକଳ୍ପରୁ କେତେ ପରିମାଣର ବାର୍ଷିକ ଜଳବିଦ୍ୟୁତ ଉତ୍ପାଦନ କରାଯାଇଛି ?

----

## ସଫଳ ଉଦ୍ୟୋଗକୁ ପ୍ରୋତ୍ସାହନ

***୨୨୨ ଶ୍ରୀ ମାଧବ ଧଡା (ସୋରୋ):**

**ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋର ନିର୍ବାଚନ ମଣ୍ଡଳୀରେ ପିଏମ୍ଇଜିପି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ୨୦୧୪ ମସିହା ରୁ ୨୦୨୪ ମସିହା ପର୍ଯ୍ୟନ୍ତ କେଉଁ ବର୍ଷ କେତେ ସଂଖ୍ୟକ ଉଦ୍ୟୋଗୀ ଆବେଦନ କରିଥିଲେ ଓ କେତେ ସଂଖ୍ୟକ ଉଦ୍ୟୋଗୀଙ୍କ ମାଧ୍ୟମରେ ରୂପାୟିତ ହୋଇଥିବା ପ୍ରକଳ୍ପଗୁଡିକର କେତେ ଲୋକଙ୍କ ପାଇଁ କର୍ମ ନିଯୁକ୍ତି ସୃଷ୍ଟି ହୋଇଛି ତା'ର ଏକ ବ୍ଲକ ୱାରୀ ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, ଏବଂ (ଖ) ଏହି କାର୍ଯ୍ୟକ୍ରମର ସଠିକ୍ ରୂପାୟନ ନିମନ୍ତେ ଡିସିସି ବୈଠକୁ ଏବଂ ଡିଏଲଟିଏଫସି ବୈଠକ କେତେ ଅବଧି ମଧ୍ୟରେ ଅନୁଷ୍ଠିତ ହେବାର ସ୍ଥିର ହୋଇଛି ଓ ବାଲେଶ୍ୱର ଜିଲ୍ଲାରେ ଗତ ୧୦ ବର୍ଷରେ କେତେଥର ବୈଠକ ଅନୁଷ୍ଠିତ ହୋଇ କାର୍ଯ୍ୟକ୍ରମର ମୂଲ୍ୟାୟନ ହୋଇଛି ତାର ବର୍ଷୱାରୀ ବିବରଣୀ ପ୍ରଦାନ କରିବେ କି, ସୋର ନିର୍ବାଚନ ମଣ୍ଡଳୀରେ କେତେ ଜଣ ଯୁବ ଉଦ୍ୟୋଗୀ ୨୦୧୪ ପରଠାରୁ ପଞ୍ଜିକୃତ ହୋଇ ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେତେ ଜଣ ଉଦ୍ୟୋଗ ସ୍ଥାପନ କ୍ଷେତ୍ରରେ ସଫଳ ହୋଇଛନ୍ତି, ଏବଂ ସଫଳ ଉଦ୍ୟୋଗୀମାନଙ୍କୁ କି କି ପ୍ରକାର ପ୍ରୋତ୍ସାହନ ଦେଇଛନ୍ତି ?

----

## ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ

***୬୦୦ ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**କୃଷି ଓ କୃଷକ ସଶକ୍ତିକରଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ଆଧୁନିକ ପ୍ରଣାଳୀରେ ଚାଷ କରି ଉତ୍ପାଦନ ବୃଦ୍ଧି କରିବା ପାଇଁ କୃଷକ ମାନଙ୍କୁ କି ପ୍ରକାର ତାଲିମ୍ ବ୍ୟବସ୍ଥା କରାଯାଇଛି ଜଣାଇବା ସହିତ ଚାଷୀମାନଙ୍କର ଉତ୍ପାଦିତ ଦ୍ରବ୍ୟକୁ ସାଇତି ରଖିବା ପାଇଁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ସ୍ଥାପନ କରିବା ପାଇଁ ବ୍ୟବସ୍ଥା କରିବେ କି ?

----